# ସାର୍ବଜନୀନଭାବେ ମାନ୍ୟତା ପ୍ରାପ୍ତ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତାଗୁଡ଼ିକର ସଂରକ୍ଷଣ ଏବଂ ସଂବର୍ଦ୍ଧନା ହେତୁ ବ୍ୟକ୍ତି, ସମୁହ ଏବଂ ସମାଜ ର ଅଙ୍ଗ ଗୁଡ଼ିକର ଅଧିକାର ଏବଂ ଦାୟିତ୍ୱଗୁଡ଼ିକ ଉପରେ ଘୋଷଣା ପତ୍ର ।

ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗ ଫରିଦକୋଟ ହାଉଷ,
କାପରନିକଷ ମାର୍ଗ

ନୂଆ ଦିଲ୍ଲୀ-୧୧୦୦୦୧

ସାର୍ବଜନୀନଭାବେ ମାନ୍ୟତା ପ୍ରାପ୍ତ ମାନବ ଅଧିକାର ଏବଂ ମୌଳିକ

ସ୍ୱତଂନ୍ତ୍ରତାଗୁଡ଼ିକର ସଂରକ୍ଷଣ ଏବଂ ସଂବର୍ଦ୍ଧନା ହେତୁ ବ୍ୟକ୍ତି, ସମୂହ

ଏବଂ ସମାଜ ର ଅଙ୍ଗ ଗୁଡ଼ିକର ଅଧିକାର ଏବଂ ଦାୟିତ୍ୱଗୁଡ଼ିକ

ଉପରେ ଘୋଷଣା ପତ୍ର ।

ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗ ଫରିଦକୋଟ ହାଉସ.

କାପରନିକସ ମାର୍ଗ

ନୂଆ ଦିଲ୍ଲୀ-୧୧୦୦୦୧

# ସାଧାରଣ ସଭାର ୯ ଡିସେମ୍ବର ୧୯୯୮ର ପ୍ରସ୍ତାବ ୫୩/୧୪୪

ଦ୍ୱାରା ଅବଲମ୍ବନ କରାଗଲା

ସାଧାରଣ ସଭା,

ବିଶ୍ୱର ସମସ୍ତ ଦେଶ ଗୁଡ଼ିକର ସମସ୍ତ ବ୍ୟକ୍ତି ବିଶିଷ୍ଟଙ୍କର ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ସଂରକ୍ଷଣ ଏବଂ ସଂବର୍ଦ୍ଧନା ପାଇଁ ସଂଯୁକ୍ତରାଷ୍ଟ୍ର ସଂଘର ଶାସନପତ୍ର (charter) ର ଉଦେଶ୍ୟ ଏବଂ ସିଦ୍ଧାନ୍ତ ଗୁଡ଼ିକର ଅନୁପାଳନ ଓ ମହତ୍ୱର ପୁଷ୍ଟି କରିବା ସହ-

ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଅନୁପାଳନ ଏବଂ ତାହାର ସାର୍ବଜନୀନ ସମ୍ମାନକୁ ବଢ଼ାଇବା ପାଇଁ ଆନ୍ତରାଷ୍ଟ୍ରୀୟ ପ୍ରଯତ୍ନ ପାଇଁ ମୂଳଭୁତ ଉପାଦାନ ରୂପେ ମାନବ ଅଧିକାର ଗୁଡ଼ିକର ସାର୍ବଜନୀନ ଘୋଷଣା ପତ୍ର ଏବଂ ମାନବ ଅଧିକାର ସଂବଧିୟ ଆନ୍ତରାଷ୍ଟ୍ରୀୟ ପ୍ରତିଜ୍ଞା ପତ୍ର ର ମହତ୍ ଏବଂ ସଂଯୁକ୍ତରାଷ୍ଟ୍ର ପ୍ରଣାଳି ସହିତ କ୍ଷେତ୍ରିୟ ସ୍ତରରେ ଅଂଗିକାର କରାଯିବା ଅନ୍ୟ ମାନବ ଅଧିକାର ଦସ୍ତାବେଜ ଗୁଡ଼ିକର ମହତ୍ତ୍ୱର ମଧ୍ୟ ପୁଷ୍ଟି କରିବା ସହ, ଏହି ବିଷୟ ଉପରେ ଅତ୍ୟୁକ୍ତି କରିବା ସହିତ ଆନ୍ତରାଷ୍ଟ୍ରୀୟ ସମ୍ପ୍ରଦାୟର ସମସ୍ତ ସଦସ୍ୟ ସଂଯୁକ୍ତ ରୂପେ ଏବଂ ପୃଥକ ରୂପେ

ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ କିମ୍ବା ଅନ୍ୟ ବିଗ୍ଭରଧାରା ଗୁଡ଼ିକର ରାଷ୍ଟ୍ରୀୟ କିମ୍ବା ସାମାଜିକ ମୂଳ, ସମ୍ପତ୍ତି, ଜନ୍ମ କିମ୍ବା ଅନ୍ୟ ସ୍ଥିତିର ଆଧାର ଉପରେ କରା ଯାଉଥିବା ଭେଦଭାବ ସହିତ କୌଣସି ପ୍ରକାର ଭେଦ-ଭାବ ନକରି ସମସ୍ତଙ୍କର ମାନବ ଅଧିକାର ଏବଂ ମୂଳଭୂତ ସ୍ୱତଂତ୍ରତା ଗୁଡ଼ିକର ସମ୍ମାନକୁ ବଢ଼ାଇବା ଏବଂ ତାକୁ ପ୍ରୋତ୍ସାହିତ କରିବା ପାଇଁ ନିଜ ଦାୟିତ୍ୱ/କର୍ତ୍ତବ୍ୟର ପାଳନ କରି ଏବଂ ଶାସନପତ୍ର (charten) ଅନୁଯାଇ ଏହି ଦାୟିତ୍ୱ/କର୍ତ୍ତବ୍ୟ ର ପାଳନ ପାଇଁ ଆନ୍ତରାଷ୍ଟ୍ରୀୟ ସହଯୋଗ ପ୍ରାପ୍ତ କରିବା ର ବିଶେଷ ମହତ୍ୱ ର ପୁଷ୍ଟି କରିବା ସହ,

ରଙ୍ଗଭେଦ, ସମସ୍ତ ପ୍ରକାରର ଜାତି ଭେଦ-ଭାବ, ଉପନିବେଶବାଦ, ବିଦେଶି ପ୍ରଭୁତ୍ୱ କିମ୍ବା ଆଧିପତ୍ୟ, ରାଷ୍ଟ୍ରୀୟ ପ୍ରଭୁତ୍ୱ, ରାଷ୍ଟ୍ରୀୟ ଏକତା କିମ୍ବା ଆଞ୍ଚଳିକ ଅଖଣ୍ଡତା ଉପରେ ହୋଇଥିବା ଆକ୍ରମଣ କିମ୍ବା ଏହାଙ୍କ ଉପରେ ଉପୁଜିଥିବା ସଙ୍କଟ ଗୁଡ଼ିକୁ ଏବଂ ଲୋକମାନଙ୍କ ଆତ୍ମନିର୍ଣ୍ଣୟର ଅଧିକାର ଏବଂ ରାଷ୍ଟ୍ର ସମ୍ପତ୍ତି ଏବଂ ପ୍ରାକୃତିକ ସଂସାଧନ ଗୁଡ଼ିକ ଉପରେ ପ୍ରତ୍ୟେକ ବ୍ୟକ୍ତିର ପୂର୍ଣ୍ଣ ଆତ୍ମନିୟନ୍ତ୍ରଣର ଅଧିକାରକୁ ମାନ୍ୟତା ପ୍ରଦାନ କରିବାକୁ ମନାକରିବା ପରେ ଉତ୍ପନ୍ନ ହୋଇଥିବା ବ୍ୟାପକ, ଜଘନ୍ୟ ଅଥବା ଯୋଜନାବଦ୍ଧ ଅତିକ୍ରମଣ ଗୁଡ଼ିକର ସହିତ ମାନବ ଅଧିକାର ଗୁଡ଼ିକ ଓ ଲୋକଙ୍କ ,ଏବଂ ବ୍ୟକ୍ତି

ମାନଙ୍କର ମୌଳିକ ସ୍ୱତଂନ୍ତ୍ରତା ର ସମସ୍ତ ଅତିକ୍ରମଣ ଗୁଡ଼ିକର ପ୍ରଭାବି ଉନ୍ମୂଳନରେ ଯୋଗଦାନ ପାଇଁ ଆନ୍ତରାଷ୍ଟ୍ରୀୟ ସହଯୋଗ, ବ୍ୟକ୍ତିସମୁହ ଏବଂ ସଂଘ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ସହ,

ଆନ୍ତରାଷ୍ଟ୍ରୀୟ ଶାନ୍ତି ଏବଂ ସୁରକ୍ଷା ତଥା ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଉପଭୋଗର ପରସ୍ପର ସାପେକ୍ଷତାକୁ ସ୍ୱୀକାର କରିବା ଏବଂ ଏହା ଉପରେ ଗୁରୁତ୍ୱ ଦେବା ଯଥା ଆନ୍ତରାଷ୍ଟ୍ରୀୟ ଶାନ୍ତି ଏବଂ ସୁରକ୍ଷାର ଅଭାବରେ ଏହାଙ୍କ ଅନୁପାଳନରେ ଅବହେଳାକୁ କ୍ଷମା ଦିଆଯାଇ ପାରିବନାହିଁ ।

ଏହି ଉକ୍ତିକୁ ପୁନରୁକ୍ତି କରିବା କି ମାନବ ଅଧିକାର ଏବଂ ମୂଳଭୁତ ସ୍ୱତଂନ୍ତ୍ରତାଗୁଡ଼ିକ ସାର୍ବଜନୀନ, ଅବିଭାଜ୍ୟ, ପରସ୍ପର ନିର୍ଭରଶୀଳ ଇତ୍ୟାଦି ଏବଂ ଏଥିରୁ ପ୍ରତ୍ୟେକ ଅଧିକାର ଏବଂ ସ୍ୱତଂନ୍ତ୍ରତାକୁ ବିନା କୌଣସି ଭେଦ-ଭାବରେ ନିଷ୍ପକ୍ଷ ଏବଂ ନ୍ୟାୟପରାୟଣ ରୂପେ ବର୍ଦ୍ଧନ ଏବଂ ସମ୍ପାଦନ କରାଯିବା କଥା,

ଏହି ବିଷୟ ଉପରେ ଗୁରୁତ୍ୱ ଦେବା ସହ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ତାର ରକ୍ଷା କରିବାର ଦାୟିତ୍ୱ ମୁଖ୍ୟତଃ ରାଜ୍ୟର ଅଟେ ।

ରାଷ୍ଟ୍ରୀୟ ଏବଂ ଆନ୍ତରାଷ୍ଟ୍ରୀୟ ସ୍ତରଗୁଡ଼ିକ ଉପରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତତା ଗୁଡ଼ିକର ପ୍ରତି ସମ୍ମାନକୁ ଉତ୍ସାହିତ କରିବା ଏବଂ ତାହାର ସଞ୍ଚିତ ଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟକ୍ତି, ସମୂହ ଏବଂ ସଂସ୍ଥା ଗୁଡ଼ିକର ଅଧିକାର ଏବଂ ତାଙ୍କ ଦାୟିତ୍ୱକୁ ମାନ୍ୟତା ପ୍ରଦାନ କରିବା ସହ,

ଏହି ଘୋଷଣା ପୂର୍ବକ କଥନ:

ଅନୁଚ୍ଛେଦ-୧

ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ ରୂପେ ଏବଂ ଅନ୍ୟମାନଙ୍କ ସହିତ ସାମୁହିକ ରୂପେ ରାଷ୍ଟ୍ରୀୟ ଏବଂ ଆନ୍ତରାଷ୍ଟ୍ରୀୟ ସ୍ତର ଗୁଡ଼ିକରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତତା ଗୁଡ଼ିକର ରକ୍ଷା କରିବା ଏବଂ ଏହାକୁ ପ୍ରୋତ୍ସାହିତ କରିବା, ଯଥାସାଧ୍ୟ ଚେଷ୍ଟା କରିବାର ଅଧିକାର ଅଛି ।

ଅନୁଚ୍ଛେଦ-୨

୧. ପ୍ରତ୍ୟେକ ରାଜ୍ୟର ଏହା ମୁଖ୍ୟ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅଟେ କି ଅନ୍ୟ ବିଷୟ ସହିତ ଏପରି ପଦକ୍ଷେପ

ଅବଲମ୍ବନ କରିବ ଯାହା ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସମସ୍ତ ଆବଶ୍ୟକ ସ୍ଥିତି ଗୁଡ଼ିକର ନିର୍ମାଣ ପାଇଁ ଆବଶ୍ୟକ ହେବ, ସମସ୍ତ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ରକ୍ଷା କରିବ, ତାକୁ ପ୍ରୋସାହିତ କରିବ ଏବଂ ତାକୁ ସମ୍ପାଦନ କରିବ ଓ ଏହା ସହିତ ଆଇନ ଅନୁମୋଦିତ ପ୍ରତ୍ୟାଭୂତି (Guarantee) ପ୍ରଦାନ କରିବ ଯାହାକି ଏହା ସୁନିଶ୍ଚିତ କରିବ କି ଏହାର କ୍ଷେତ୍ରାଧିକାର ର ଅଧୀନରେ ସମସ୍ତ ବ୍ୟକ୍ତି ବ୍ୟକ୍ତିଗତ ରୂପେ ଏବଂ ଅନ୍ୟମାନଙ୍କ ସହିତ ସାମୁହିକ ରୂପେ, ସେହି ସମସ୍ତ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକର ବ୍ୟବହାରିକ ରୂପେ ଉପଭୋଗ କରିବାରେ ସମର୍ଥ ହେବ ।

୨. ପ୍ରତ୍ୟେକ ରାଜ୍ୟ ଏପରି ବୈଧାନିକ, ପ୍ରଶାସନିକ ଏବଂ ଅନ୍ୟ ପଦକ୍ଷେପ ଅବଲମ୍ବନ କରିବ ଯାହାକି ଏହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ହେବ କି ପ୍ରସ୍ତୁତ ଘୋଷଣା ପତ୍ରର ସମ୍ବନ୍ଧୀୟ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକୁ ଉପଯୁକ୍ତ ରୂପେ ପ୍ରତ୍ୟାଭୂତ ହୋଇଥିବ ।

ଅନୁଚ୍ଛେଦ-୩

ସଂଯୁକ୍ତ ରାଷ୍ଟ୍ରସଂଘର ଶାସନପତ୍ର (charter)ର ସାମଞ୍ଜସ୍ୟପୂର୍ଣ୍ଣ ଘରୋଇ ଆଇନ ଏବଂ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତତା ଗୁଡ଼ିକର କ୍ଷେତ୍ରରେ ରାଜ୍ୟର ଅନ୍ୟ ଆନ୍ତରାଷ୍ଟ୍ରୀୟ ଦାୟିତ୍ୱ ସେହି ଆଇନ ସଙ୍ଗତ ପ୍ରଣାଳୀ ଅଟେ ଯାହା ଭିତରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତତା ଗୁଡ଼ିକୁ ସମ୍ପାଦନ ଏବଂ ଉପଭୋଗ କରାଯିବା କଥା ଓ ଯାହା ଅନୁଯାଇ ସେହି ସମସ୍ତ ଅଧିକାର ଏବଂ ସ୍ୱତଂନ୍ତତା ଗୁଡ଼ିକୁ ପ୍ରୋତ୍ସାହିତ କରିବା, ରକ୍ଷା କରିବା ଏବଂ ସେଗୁଡିକୁ ଉପଯୁକ୍ତ ରୂପେ ସମ୍ପାଦନ କରିବା ପାଇଁ ପ୍ରସ୍ତୁତ ଘୋଷଣା ପତ୍ରରେ ପରିଗୃଳିତ ସମସ୍ତ ଉଦ୍ୟମ ଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଆବଶ୍ୟକ ।

ଅନୁଚ୍ଛେଦ-୪

ପ୍ରସ୍ତୁତ ଘୋଷଣା ପତ୍ରରେ କୌଣସି ଘୋଷଣାକୁ ସଂଯୁକ୍ତ ରାଷ୍ଟ୍ରସଂଘର ଶାସନପତ୍ର (charter)ର ଉଦ୍ଦେଶ୍ୟ ଏବଂ ସିଦ୍ଧାନ୍ତ ଗୁଡ଼ିକୁ ଦୁର୍ବଳ କରିବା କିମ୍ବା ପ୍ରତିବାଦ କରିବା ଭଳି ବ୍ୟାଖ୍ୟା, କିମ୍ବା ମାନବ ଅଧିକାର ଗୁଡ଼ିକର ସାର୍ବଜନୀନ ଘୋଷଣା ପତ୍ରର ନିୟମ ଗୁଡ଼ିକ, ମାନବ ଅଧିକାର ଗୁଡ଼ିକ ସମ୍ବନ୍ଧିୟ

ଅନ୍ତରାଷ୍ଟ୍ରୀୟ ଧାରା ଏବଂ ଅନ୍ୟ ଆନ୍ତରାଷ୍ଟ୍ରୀୟ କାର୍ଯ୍ୟସାଧକ ଦସ୍ତାବିଜ ଏବଂ ଏହି କ୍ଷେତ୍ରରେ ଉପଯୁକ୍ତ ପ୍ରତିଶ୍ରୁତି ଗୁଡ଼ିକୁ ଗୌରବହିନତା କରିଲାଭଳି କିମ୍ବା ତାହାକୁ ସିମାବଦ୍ଧ କରିବା ଭଳି ବ୍ୟାଖ୍ୟା କରା ଯାଇ ପାରିବ ନାହିଁ ।

ଅନୁଚ୍ଛେଦ-୫

ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ସୁରକ୍ଷିତ କରିବା ଉଦ୍ଦେଶ୍ୟ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ ରୂପେ ଏବଂ ଅନ୍ୟ ମାନଙ୍କ ସହଯୋଗ ଦ୍ୱାରା ରାଷ୍ଟ୍ରୀୟ ଏବଂ ଆନ୍ତରାଷ୍ଟ୍ରୀୟ ସ୍ତର ଗୁଡ଼ିକରେ ଏହା ଅଧିକାର ଅଛି ଯଥା:

କ) ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ର ହେବା ଏବଂ ସଭା କରିବା ।

ଖ) ଅଣ-ସରକାରୀ ସଂଗଠନ, ସଂଘ କିମ୍ବା ସମୁହ ତିଆରି କରିବା, ସେଥିରେ ସମ୍ମିଳିତ ହେବା ଏବଂ ଅଂଶ ଗ୍ରହଣ କରିବା ।

ଗ) ଅଣ-ସରକାରୀ କିମ୍ବା ଅନ୍ତର-ସରକାରୀ ସଂଗଠନ ଗୁଡ଼ିକ ସହିତ ପତ୍ର ବ୍ୟବହାର କରିବା ।

ଅନୁଚ୍ଛେଦ-୬

ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ରୂପେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ଏହା ଅଧିକାର ଅଛି କି :

କ) ସମସ୍ତ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକ ବିଶୟରେ ଜାଣିବା, ସେମାନଙ୍କ ବିଷୟରେ ସୂଚ଼ନା ମାଗିବା ଏବଂ ତାକୁ ପାଇବାର ଅଧିକାର ଅଛି, ଯେଉଁଥିରେ ସେ ସମସ୍ତ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକୁ ପାରିବାରିକ, ବୈଧାନିକ, ନ୍ୟାୟିକ କିମ୍ବା ପ୍ରଶାସନିକ ପ୍ରଣାଳୀ (ବ୍ୟବସ୍ଥା)ରେ କିପରି ଏହାକୁ ଲାଗୁ କରି ହେବ, ଏହା ସମ୍ବନ୍ଧୀୟ ସୂଚ଼ନା ପାଇବାମଧ୍ୟ ଅନ୍ତର୍ଭୁକ୍ତ ଅଟେ ।

ଖ) ଯେପରିକି ମାନବ ଅଧିକାର ଏବଂ ଅନ୍ୟ ଉପଯୁକ୍ତ ଆନ୍ତରାଷ୍ଟ୍ରୀୟ ଦସ୍ତାବେଜ ଗୁଡ଼ିକରେ ପୂର୍ବରୁ ସଂଗ୍ରହ କରାଯାଇଛି ।

ସମସ୍ତ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକୁ ପ୍ରକାଶିତ କରିବା, ସେଗୁଡ଼ିକ ଉପରେ

ମତପ୍ରଦାନ କରିବା, ସୂଚନା ପ୍ରଦାନ କରିବା ଏବଂ ଜ୍ଞାନର ପ୍ରଚାର କରିବାର ପ୍ରତ୍ୟେକ ବ୍ୟକ୍ତିକୁ ଅଧିକାର ଅଛି ।

ଗ) ସମସ୍ତ ପ୍ରକାରର ମାନବ ଅଧିକାର ଏବଂ ମୌଳିକ ସ୍ୱତଂତ୍ରତା ଗୁଡ଼ିକର ସମ୍ପାଦନର ସମ୍ବନ୍ଧରେ ଅଧ୍ୟୟନ କରିବା, ଆଲୋଚନା କରିବା, ବିବେଚନା କରିବା ସମ୍ବନ୍ଧରେ ଆଇନ ଏବଂ ବ୍ୟବହାରିକ ଉଭୟ ରୂପେ ମତ ସ୍ଥାପନ କରିବା ଏବଂ ଅନ୍ୟ ଉପଯୁକ୍ତ ମାଧ୍ୟମ ଗୁଡ଼ିକ ଦ୍ୱାରା ଲୋକଙ୍କ ଧ୍ୟାନ ଆକୃଷ୍ଟ କରିବା ।

ଅନୁଚ୍ଛେଦ-୭

ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ ସ୍ତରରେ ଆଉ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ମାନବ ଅଧିକାର ଗୁଡ଼ିକ ସମ୍ବନ୍ଧୀୟ ନୂତନ ବିଗ୍ଭର ଏବଂ ସିଦ୍ଧାନ୍ତ ଗୁଡ଼ିକର ବିକାଶ କରବା ଆଉ ଚର୍ଚ୍ଚା କରିବା ଏବଂ ତାହାର ସୁଗ୍ରାହ୍ୟତାର ପକ୍ଷସମର୍ଥନ କରିବାର ଅଧିକାର ଅଛି ।

ଅନୁଚ୍ଛେଦ-୮

୧. ପ୍ରତ୍ୟେକ ବ୍ୟକ୍ତି କୁ ବ୍ୟକ୍ତିଗତ ସ୍ତରରେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ବିନା କୌଣସି ପ୍ରଭେଦରେ ନିଜ ଦେଶର ସରକାର ଏବଂ ଜନସାଧାରଣଙ୍କ କାର୍ଯ୍ୟ ଗୁଡ଼ିକର ପରିଚାଳନରେ କାର୍ଯ୍ୟକ୍ଷମ ହେବା ଏବଂ ସେଥିରେ ଅଂଶୀଦାର ହେବାର ଅଧିକାର ଅଛି ।

୨. ଅନ୍ୟବିଷୟ ମଧ୍ୟରେ ବ୍ୟକ୍ତିଗତ ସ୍ତରରେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ସରକାରୀ ସଂସ୍ଥା ଓ ପ୍ରତିନିଧି ଏବଂ ଜନସାଧାରଣଙ୍କ କାର୍ଯ୍ୟ ଗୁଡ଼ିକ ସମ୍ବନ୍ଧଯୁକ୍ତ ସଂଗଠନ ଗୁଡ଼ିକୁ ନିଜ କାର୍ଯ୍ୟ ସମ୍ପାଦନରେ ସଂଶୋଧନ କରିବା ହେତୁ ସମାଲୋଚନା ଏବଂ ପ୍ରସ୍ତାବ ପ୍ରସ୍ତୁତ କରିବାରେ ଏବଂ ସେମାନଙ୍କ କାର୍ଯ୍ୟରେ ଏପରି କୌଣସି ଅବସ୍ଥାନ ଉପରେ ଧ୍ୟାନ ଆକୃଷ୍ଟ କରିବାର ଅଧିକାର ଅଛି ଯାହା ମାନବ ଅଧିକାର ଏବଂ ମୌଳିକ ସ୍ୱତନ୍ତ୍ରତା ଗୁଡ଼ିକର ପ୍ରୋତ୍ସାହନ ସୁରକ୍ଷା ଏବଂ ଉପଭୋଗ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ ।

ଅନୁଚ୍ଛେଦ -୯

୧. ପ୍ରସ୍ତୁତ ଘୋଷଣା ପତ୍ରରେ ଅନ୍ତର୍ଭୁକ୍ତ ମାନବ ଅଧିକାର ଗୁଡ଼ିକର ପ୍ରୋତ୍ସାହନ ଏବଂ ସୁରକ୍ଷା ସହିତ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଉପଭୋଗରେ ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ ସ୍ତରରେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା କାର୍ଯ୍ୟକ୍ଷମ ପ୍ରତିକାର ଗୁଡ଼ିକ ଠାରୁ ଲାଭ ଉଠାଇବା ଏବଂ ସେଗୁଡ଼ିକର ଅଧିକାରର ଉଲଘଂନ ହେବାର ପରିସ୍ଥିତିରେ ସୁରକ୍ଷିତ କରିବାର ଅଧିକାର ଅଛି ।

୨. ଏହି ଉଦ୍ଦେଶର ପୂର୍ତ୍ତି ହେତୁ ପ୍ରତ୍ୟେକ ସେହି ବ୍ୟକ୍ତିକୁ ଯାହାର କି ଅଧିକାର କିମ୍ବା ସ୍ୱତଂନ୍ତ୍ରତା ଗୁଡ଼ିକର ପ୍ରତିପାଦିତ ରୂପେ ଉଲଘଂନ ହୋଇଥିବ, ବ୍ୟକ୍ତିଗତ ରୂପେ କିମ୍ବା ବୈଧାନିକ ରୂପେ ବିଧିବଦ୍ଧ ପ୍ରତିନିଧିତ୍ୱର ମାଧ୍ୟମ ଦ୍ୱାରା ଅଭିଯୋଗ କରିବା ଏବଂ ନ୍ୟାୟାନୁରୂପେ ସଂସ୍ଥାପିତ ସ୍ୱତନ୍ତ୍ର, ନିରପେକ୍ଷତା ଏବଂ କ୍ଷମତାପନ୍ନ ନ୍ୟାୟିକ କିମ୍ବା ଅନ୍ୟ ପ୍ରାଧିକରଣର ସମକ୍ଷ୍ୟରେ ଜନସାଧାରଣର ଶୁଣାଣିରେ ସେହି ଅଭିଯୋଗର ତୁରନ୍ତ ସମୀକ୍ଷା କରାଇବାରେ ଏବଂ ଏପରି ପ୍ରାଧିକରଣ ଦ୍ୱାରା

ନ୍ୟାୟାନୁରୂପେ ନିର୍ଣ୍ଣୟ ପ୍ରାପ୍ତ କରିବାର ଅଧିକାର ଅଛି ଯଦ୍ଵାରା ତାହାର ଅଭିଯୋଗର ସଂଶୋଧନ କରିପାରିବ, ଯେଉଁଥିରେ ଏପରି କାର୍ଯ୍ୟଗୁଡ଼ିକରେ ଉପଯୁକ୍ତ କ୍ଷତିପୂରଣ ମଧ୍ୟ ଅନ୍ତର୍ଭୁକ୍ତ ଅଛି । ଆଉ ଏହା ସହିତ ବିନା କୌଣସି ବିଳମ୍ବରେ ସେହି ବ୍ୟକ୍ତି ଯାହାରକି ଅଧିକାର କିମ୍ବା ସ୍ୱତଂନ୍ତତାର ଉଲଘଂନ ହୋଇଥିବ, ଅନ୍ତିମ ନିର୍ଣ୍ଣୟ ଏବଂ ବିଗ୍ରର ସିଦ୍ଧାନ୍ତ ଜଣାଇବାର ପ୍ରବର୍ତ୍ତନ, କରାଇବାର ଅଧିକାର ଅଛି ।

୩. ଏହି ଉଦ୍ଦେଶର ପୂର୍ତ୍ତି ହେତୁ ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ ସ୍ତରରେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ଏହା ଅଧିକାର ଅଛି କି:-

କ) ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଉଲଘଂନ ସମ୍ବନ୍ଧଯୁକ୍ତ କୌଣସି ଅଧିକାରୀ ଏବଂ ସରକାରୀ ସଂସ୍ଥା ଗୁଡ଼ିକର ପ୍ରଣାଳୀ ଏବଂ କାର୍ଯ୍ୟଗୁଡ଼ିକର ଅଭିଯୋଗ କିମ୍ବା ଅନ୍ୟ ଉପଯୁକ୍ତ ମଧ୍ୟମ ଦ୍ୱାରା ସ୍ୱଦେଶୀୟ ନ୍ୟାୟିକ, ପ୍ରଶାସନିକ କିମ୍ବା ବୈଧାନିକ ପ୍ରାଧିକାରୀ କିମ୍ବା ରାଜ୍ୟର ବୈଧାନିକ ପ୍ରଣାଳୀ ଦ୍ୱାରା ଯୋଗାଇଥିବା ଏପରି ଅନ୍ୟ ସକ୍ଷମ

ପ୍ରାଧିକାରଙ୍କୁ ଅଭିଯୋଗ କରିବା ଯିଏକି ବିନା କୌଣସି ବିଳମ୍ବ କରି ସେହି ଅଧିଯୋଗ ଗୁଡ଼ିକର ଉପରେ ନିଜର ନିର୍ଣ୍ଣୟ ଦେଇପାରିବ ।

ଖ) ଜନସଧାରଣର ଶୁଣାଣି, କାର୍ଯ୍ୟପ୍ରଣାଳୀ ଏବଂ ବିଗ୍ଭର ଗୁଡ଼ିକରେ ଉପସ୍ଥିତ ହେବା, ଯାହାଫଳରେ ରାଷ୍ଟ୍ରୀୟ ଆଇନସଂଗତ ଏବଂ ଉପଯୁକ୍ତ ଆନ୍ତରାଷ୍ଟ୍ରୀୟ କର୍ତ୍ତବ୍ୟ ଏବଂ ପ୍ରତିଶ୍ରୁତି ଗୁଡ଼ିକ ଅନୁରୂପେ ସେମାନଙ୍କର ସ୍ୱୀକୃତି ଉପରେ ମତ ନିର୍ଦ୍ଧାରିତ କରାଯାଇ ପାରିବ ।

ଗ) ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତତା ଗୁଡ଼ିକର ରକ୍ଷା କରିବାର ବ୍ୟବସାୟିକ ରୂପେ ଯୋଗ୍ୟତା ପ୍ରାପ୍ତ ଉପଯୁକ୍ତ ବୈଧିକ ସହାୟତା କିମ୍ବା ଅନ୍ୟ ଅନୁରୂପ ପରମର୍ଶ ଏବଂ ସହାୟତା କରିବାର ଚେଷ୍ଟା କରିବା ।

୪. ଏହି ଲକ୍ଷ୍ୟର ପୂର୍ତ୍ତି ହେତୁ ଏବଂ ଉପଯୁକ୍ତ ଆନ୍ତରାଷ୍ଟ୍ରୀୟ ଦସ୍ତାବେଜ ଏବଂ ପ୍ରକ୍ରିୟାଗୁଡ଼ିକର ଅନୁପାଳନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସ୍ତରରେ ଆଉ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତତା ଗୁଡ଼ିକର ବିଷୟ ଗୁଡ଼ିକ ଉପରେ

ସାନିଧ୍ୟପ୍ରାପ୍ତ ଆଦାନପ୍ରଦାନକୁ ପ୍ରାପ୍ତ କରିବାର ସାଧାରଣ ଠାରୁ ଏବଂ ବିଶେଷ ଦକ୍ଷତା ନିପୁର୍ଣ୍ଣ ଆନ୍ତରାଷ୍ଟ୍ରୀୟ ସଂସ୍ଥା ଗୁଡ଼ିକ ପର୍ଯ୍ୟନ୍ତ ନିର୍ବିଘ୍ନ ପହଞ୍ଚିବା ଏବଂ ସମ୍ପର୍କ କରିବାର ଅଧିକାର ଅଛି ।

୫. ଯେକୌଣସି ସମୟରେ ରାଜ୍ୟର କ୍ଷେତ୍ରାଧିକାରର ଅଧୀନରେ କୌଣସି ଭୁଖଣ୍ଡରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂତ୍ରତା ଗୁଡ଼ିକର ଲଘଂନ ହେବାର କାରଣ ଉପରେ ବିଶ୍ୱାସ କରିବାର ଉପଯୁକ୍ତ ଉଦ୍ଦେଶ୍ୟ ହୋଇଥାଏ ତାହାହେଲେ ରାଜ୍ୟ ଶୀଘ୍ର ଏବଂ ନିରପେକ୍ଷ ଅନୁସନ୍ଧାନ କରିବ କିମ୍ବା ଏହା ସୁନିଶ୍ଚିତ କରିବକି ଏପରି ଅନୁସନ୍ଧାନ କରାଯାଏ ।

ଅନୁଚ୍ଛେଦ-୧୦

କେହି ମଧ୍ୟ ନିଜ କାର୍ଯ୍ୟ ଠାରୁ କିମ୍ବା ଆଶାନ୍ୱିତ ଆଚରଣ କରିବାରେ ବିଫଳହୋଇ ମାନବ ଅଧିକାର ଏବଂ ମୌଳିକ ସ୍ୱତଂତ୍ରତାର ଉଲଘଂନରେ ଅଂଶୀଦାର ହେବ ନାହିଁ ଏବଂ ନିଶ୍ଚିତ ରୂପେ ଏପରି କରିବାକୁ ଅସ୍ୱୀକାର କରିଲେ କୌଣସି ଲୋକଙ୍କ ବିରୁଦ୍ଧରେ କିଛି

ଦଣ୍ଡ କିମ୍ବା କୌଣସି ପ୍ରକାରର ପ୍ରତିକୂଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

ଅନୁଚ୍ଛେଦ-୧୧

ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସ୍ତରରେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ନିଜ ବ୍ୟବସାୟ କିମ୍ବା ବୃତ୍ତିକୁ ଆଇନ ସଂଗତ ରୂପେ କରିବାର ଅଧିକାର ଅଛି । ପ୍ରତ୍ୟେକ ବ୍ୟକ୍ତି, ଯିଏକି ନିଜ ବ୍ୟବସାୟ ଦ୍ୱାରା ଅନ୍ୟମାନଙ୍କର ମାନବ ଗୌରବ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକ ଉପରେ ପ୍ରଭାବ ପକାଇ ପାରିବ, ସେ ସମସ୍ତ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକ ଏବଂ ସଙ୍ଗତ ରାଷ୍ଟ୍ରୀୟ ଆଉ ଆନ୍ତରାଷ୍ଟ୍ରୀୟ ମାନଦଣ୍ଡ ଗୁଡ଼ିକୁ ଏବଂ ବ୍ୟବସାୟର ନିୟମ ପରିଚାଳନା କିମ୍ବା ନୈତିକ ମୂଲ୍ୟ ଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରିବା ଦରକାର ।

ଅନୁଚ୍ଛେଦ-୧୨

୧. ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସ୍ତରରେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା, ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଉଲ୍ଲଘଂନ ର ବିରୁଦ୍ଧରେ

ଶାନ୍ତିପୂର୍ବକ ଉଦ୍ୟମ ଗୁଡ଼ିକରେ ଅଂଶୀଦାର ହେବାର ଅଧିକାର ଅଛି ।

୨. ରାଜ୍ୟ, ବ୍ୟକ୍ତି ଏବଂ ସମୂହର ବିରୁଦ୍ଧରେ କୌଣସି ପ୍ରକାରର ହିଂସା, ଧମକ, ପ୍ରତିଶୋଧ, ବାସ୍ତବରେ କିମ୍ବା ବୈଧ ପ୍ରତିକୂଳ ଭେଦଭାବ, ଚାପ କିମ୍ବା ଅନ୍ୟପ୍ରକାରର ସ୍ୱେଚ୍ଛାଚାରିତା ପୂର୍ବକ ଆଚରଣ ଯାହା ଦ୍ୱାରା ବର୍ତ୍ତମାନ ଘୋଷଣାପତ୍ରରେ ଉଲ୍ଲେଖ ଅଧିକାର ଗୁଡ଼ିକର ଯଥାର୍ଥ ବ୍ୟବହାରରେ ପ୍ରଭାବ ପଡୁ ଥାଏ, ତାର ସୁରକ୍ଷା ହେତୁ କ୍ଷମତାପନ୍ନ ପ୍ରାଧିକାରୀଙ୍କ ମାଧ୍ୟମ ଦ୍ୱାରା ସମସ୍ତ ଅନିବାର୍ଯ୍ୟ ପଦକ୍ଷେପ ଉଠାଇବ ।

୩. ଏହି ସଂପର୍କରେ ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ ରୂପେ କିମ୍ବା ସାମୁହିକ ରୂପେ ଶାନ୍ତିପୂର୍ଣ୍ଣ ମଧ୍ୟମ, ଗତିବିଧି ଏବଂ କାର୍ଯ୍ୟ ଗୁଡ଼ିକ ଦ୍ୱାରା ଏପରି କାର୍ଯ୍ୟଗୁଡ଼ିକ ବିରୁଦ୍ଧରେ ଯେଉଁଥିରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଉଲଘଂନ ପାଇଁ ରାଜ୍ୟ ଆରୋପିତ ଅଛି, ଏହା ସହିତ କୌଣସି ସମୂହ କିମ୍ବା ବ୍ୟକ୍ତି ବିଶେଷ ଦ୍ୱାରା ଦୋଷ ବା ହିଁସା କରିବା ଘଟଣା ଯାହା ଦ୍ୱାରା ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା

ଗୁଡ଼ିକର ଉପଭୋଗ ଉପରେ ପ୍ରଭାବ ପକାଇଥିବ, ସେଥିରେ ପ୍ରତିକ୍ରିୟା ବ୍ୟକ୍ତ କରିବା କିମ୍ବା ବିରୋଧ କରିବା ହେତୁ ରାଷ୍ଟ୍ରୀୟ ଆଇନ ଅନୁମୋଦିତ ପ୍ରଭାବ ରୂପେ ସୁରକ୍ଷା ପ୍ରାପ୍ତ କରିବାର ଅଧିକାର ଅଛି ।

ଅନୁଚ୍ଛେଦ-୧୩

ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ରୂପେ ଏବଂ ଅନ୍ୟମାନଙ୍କ ସହଯୋଗ ଦ୍ୱାରା ପ୍ରସ୍ତୁତ ଘୋଷଣାପତ୍ରର ଅନୁଚ୍ଛେଦ -୩ ଅନୁଯାୟୀ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ସୁରକ୍ଷିତ କରିବାର ଉଦ୍ଦେଶ୍ୟ ହେତୁ ଶାନ୍ତିପୂର୍ଣ୍ଣ ମାଧ୍ୟମ ଗୁଡ଼ିକ ଦ୍ୱାରା ସଂଶୋଧନ ଗୁଡ଼ିକ ପାଇଁ ଅନୁରୋଧ କରିବା, ତାକୁ ପ୍ରାପ୍ତ କରିବା ଏବଂ ଏହାର ଉପଯୋଗ କରିବା ଅଧିକାର ଅଛି ।

ଅନୁଚ୍ଛେଦ-୧୪

ରାଜ୍ୟର ଏହା ଦାୟିତ୍ୱ ଥାଏ କି ସେ ନିଜର ଅଧିକାର କ୍ଷେତ୍ରର ସମସ୍ତ ବ୍ୟକ୍ତି ମାନଙ୍କର ନାଗରିକ, ରାଜନୈତିକ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ଗୁଡ଼ିକର ବର୍ଦ୍ଧନ କରିବା ହେତୁ ଲୋକଙ୍କ

ମଧ୍ୟରେ ଆପୋସ ଜ୍ଞାନକୁ ପ୍ରୋତ୍ସାହିତ ବା ବଢ଼ାଇବା ପାଇଁ ବିଧିକ, ନ୍ୟାୟଯୁକ୍ତ, ପ୍ରଶାସନିକ କିମ୍ବା ଅନ୍ୟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ।

୨. ଏହିପରି ପଦକ୍ଷେପ ଗୁଡ଼ିକରେ ଅନ୍ୟ ବିଷୟ ମଧ୍ୟରେ ନିମ୍ନଲିଖିତ ଅନ୍ତର୍ଭୁକ୍ତ ଅଟେ ।

କ) ରାଷ୍ଟ୍ରୀୟ ବିଧି ଏବଂ ନିୟମ ଏବଂ ଉପଯୁକ୍ତ, ମୌଳିକ ଆନ୍ତରାଷ୍ଟ୍ରୀୟ ମାନବ ଅଧିକାର ଦଲିଲ ଗୁଡ଼ିକର ପ୍ରକାଶନ କରିବା ଏବଂ ବ୍ୟାପକ ରୂପେ ସହଜଲଭ୍ୟତା କରାଇବା ।

ଖ) ମାନବ ଅଧିକାର ଗୁଡ଼ିକ କ୍ଷେତ୍ରରେ ଆନ୍ତରାଷ୍ଟ୍ରୀୟ ମାନବ ଅଧିକାର ଚୁକ୍ତି ଗୁଡ଼ିକ ଦ୍ୱାରା ସ୍ଥାପିତ ସଂସ୍ଥା ଗୁଡ଼ିକୁ ରାଜ୍ୟ, ଯିଏକି ଏକ ପକ୍ଷକାର ଅଟେ, ଦ୍ୱାରା ପ୍ରସ୍ତୁତ ସାମୟିକ ବିବରଣୀ (reports) ଗୁଡ଼ିକ ଏବଂ ଏପରି ସଂସ୍ଥାଗୁଡ଼ିକର ଆଲୋଚନା ତର୍କ-ବିତର୍କ ସମ୍ବନ୍ଧୀୟ ଲିପିବଦ୍ଧ ସାରାଂଶ ଏବଂ ସରକାରୀ ବିବରଣୀ ସହିତ ଆନ୍ତରାଷ୍ଟ୍ରୀୟ ଦସ୍ତାବେଜ

ଗୁଡ଼ିକୁ ପୂର୍ଣ୍ଣରୂପେ ଏବଂ ସମାନ ରୂପେ ଉପଲବ୍ଧ କରାଇବା ।

୩. ଯେଉଁ ସ୍ଥାନରେ ଉପଯୁକ୍ତ ହେବ ରାଜ୍ୟ ନିଜ କ୍ଷେତ୍ରାଧିକାରର ଅଧୀନରେ ସମସ୍ତ ଭୁଖଣ୍ଡ ଗୁଡ଼ିକରେ ମାନବ ଅଧିକାରଯୁକ୍ତ କିମ୍ବା ଅନ୍ୟ ପ୍ରକାରର ରାଷ୍ଟ୍ରୀୟ ସଂସ୍ଥାନରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ପ୍ରୋତ୍ସାହନ ଆଉ ସୁରକ୍ଷିତ ହେତୁ ସ୍ୱତଂନ୍ତ୍ର ରାଷ୍ଟ୍ରୀୟ ସଂସ୍ଥାନ ଗୁଡ଼ିକ ଲୋକପାଳ ମାନବ ଅଧିକାରଯୁକ୍ତ କିମ୍ବା ଅନ୍ୟ ପ୍ରକାରର ରାଷ୍ଟ୍ରୀୟ ସଂସ୍ଥାନ ହୋଇ ପାରିବ, ତାକୁ ସ୍ଥାପିତ କରିବା ଆଉ ସେଗୁଡ଼ିକୁ ବିକଶିତ କରିବାକୁ ସୁନିଶ୍ଚିତ କରିବ ଏବଂ ସେଗୁଡ଼ିକୁ ସାହାଯ୍ୟ ପ୍ରଦାନ କରିବ ।

ଅନୁଚ୍ଛେଦ-୧୫

ରାଜ୍ୟର ଏହି ଦାୟିତ୍ୱ ଅଟେ କି ସେ ଶିକ୍ଷାର ସମସ୍ତ ସ୍ତରଗୁଡ଼ିକ ଉପରେ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକର ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ତାକୁ ସୁଲଭ ବନାଇବା । ଏହା ସହିତ ଏହା ସୁନିଶ୍ଚିତ କରିବ କି ଯେଉଁ ମାନଙ୍କଉପରେ ଓକିଲ,

ଆଇନ ପ୍ରବର୍ତ୍ତନ ପଦାଧିକାରୀ, ସୈନ୍ୟବଳର କର୍ମୀବୃନ୍ଦ ଏବଂ ସରକାରୀ ପଦାଧିକାରୀ ବୃନ୍ଦ ଗୁଡ଼ିକର ପ୍ରଶିକ୍ଷଣର ଦାୟିତ୍ୱ ଅଛି, ସେ ନିଜ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମାନବ ଅଧିକାର ଶିକ୍ଷାର ଉପଯୁକ୍ତ ଉପାଦାନ ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ ।

ଅନୁଚ୍ଛେଦ-୧୬

ବ୍ୟକ୍ତିଗତ, ଅଣ-ସରକାରୀ ସଂଗଠନ ଏବଂ ସଙ୍ଗତ ସଂସ୍ଥାନ ଶିକ୍ଷା, ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ପରି କାର୍ଯ୍ୟଦକ୍ଷତା ଗୁଡ଼ିକ ମାଧ୍ୟମ ଦ୍ୱାରା ସମସ୍ତ ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକ ସମ୍ବନ୍ଧୀୟ ପ୍ରଶ୍ନ ଗୁଡ଼ିକ ଉପରେ ସାଧାରଣ ଲୋକମାନଙ୍କୁ ଆହୁରି ଅଧିକ ଜାଗରିତ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ, ଯାହା ଫଳରେ ଏହି କ୍ଷେତ୍ର ଗୁଡ଼ିକରେ ସମାଜର ବିଭିନ୍ନ ପୃଷ୍ଠଭୂମି ଏବଂ ସମ୍ପ୍ରଦାୟ ଗୁଡ଼ିକ ଯାହାର ଅନ୍ତର୍ଗତ ସେ ନିଜ କାର୍ଯ୍ୟ କରିଥାନ୍ତି, ତାକୁ ଧ୍ୟାନରେ ରଖି ସମସ୍ତ ରାଷ୍ଟ୍ର ଏବଂ ସମସ୍ତ ଜାତି ଏବଂ ଧାର୍ମିକ ସମୂହ ଗୁଡ଼ିକ ମଧ୍ୟରେ ପରସ୍ପର ବୁଝାବଣା, ସହିଷ୍ଣୁତା, ଶାନ୍ତି ଆଉ ମୈତ୍ରିପୂର୍ଣ୍ଣ ସଂବନ୍ଧ ଗୁଡ଼ିକୁ ଦୃଢ଼ କରାଯାଇ ପାରିବ ।

ଅନୁଚ୍ଛେଦ-୧୭

ପ୍ରସ୍ତୁତ ଘୋଷଣା ପତ୍ରରେ ଅନ୍ତର୍ଭୁକ୍ତ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକର ଉପଭୋଗ ହେତୁ ପ୍ରତ୍ୟେକ ବ୍ୟକ୍ତିକୁ ବ୍ୟକ୍ତିଗତ- ସ୍ତରରେ ଏବଂ ସାମୁହିକ ସ୍ତରରେ କେବଳ ସେହି ସୀମାବଦ୍ଧ ଗୁଡ଼ିକରେ ବନ୍ଧା ଯାଇପାରିବ ଯାହା ଉପଯୁକ୍ତ ଆନ୍ତରାଷ୍ଟ୍ରୀୟ କର୍ତ୍ତବ୍ୟ ଓ ଦାୟିତ୍ୱ ଗୁଡ଼ିକ ଅନୁରୂପେ ବ୍ୟକ୍ତମାନଙ୍କ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକର ଉପଯୁକ୍ତ ପରିଚୟ ଆଉ ସମ୍ମାନକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟ ଦ୍ୱାରା ଗୋଟିଏ ଗଣତାନ୍ତ୍ରିକ ସମାଜରେ ନୈତିକ, ସାମାଜିକ ଶାନ୍ତି ଏବଂ ଲୋକ କଲ୍ୟାଣର ଯଥାର୍ଥ ଆବଶ୍ୟକ ଗୁଡ଼ିକ ହେତୁ ନିର୍ଦ୍ଧାରିତ କରାଯାଇଥାଏ ।

ଅନୁଚ୍ଛେଦ -୧୮

୧. ପ୍ରତ୍ୟେକ ବ୍ୟକ୍ତିର ସମାଜ, ଯେଉଁ ଥିରେ ତାହାର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ସ୍ୱତଂନ୍ତ୍ରତା ଏବଂ ପୂର୍ଣ୍ଣ ବିକାଶର ସମ୍ଭାବନା ଥାଏ, ତାହା ପ୍ରତି ତାହାର କର୍ତ୍ତବ୍ୟ ରହିଥାଏ ।

୨.	ବ୍ୟକ୍ତିମାନଙ୍କୁ, ସମୂହ, ସଂସ୍ଥାନ ଏବଂ ଅଣ-ସରକାରୀ ସଂଗଠନ ଗୁଡ଼ିକୁ ଲୋକତନ୍ତ୍ରର ସଂରକ୍ଷଣ, ମାନବ ଅଧିକାର ଏବଂ ମୌଳିକ ସ୍ୱତଂନ୍ତ୍ରତା ଗୁଡ଼ିକ ସମ୍ବର୍ଦ୍ଧନା ଆଉ ଗଣତାନ୍ତ୍ରିକ ସମାଜ, ସଂସ୍ଥାନ ଏବଂ ପ୍ରକ୍ରିୟା ଗୁଡ଼ିକର ସମ୍ବର୍ଦ୍ଧନା ଏବଂ ଉତ୍କର୍ଷରେ ଯୋଗଦାନ କରି ମହତ୍ୱପୂର୍ଣ୍ଣ ଭୂମିକା ସଂଚାଳିତ କରିବାକୁ ଥାଏ ।

୩.	ସାମାଜିକ ଏବଂ ଆନ୍ତରାଷ୍ଟ୍ରୀୟ ବ୍ୟବସ୍ଥା ଯାହାର ଅଧିନରେ ମାନବ ଅଧିକାର ଗୁଡ଼ିକର ସାର୍ବଜନୀନ ଘୋଷଣା ପତ୍ର ଏବଂ ଅନ୍ୟ ମାନବ ଅଧିକାର ଦଲିଲ ଗୁଡ଼ିକରେ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକୁ ନିର୍ଦ୍ଧାରିତ କରାଯାଇ ଅଛି ସେଥିରେ ପ୍ରତ୍ୟେକ ବ୍ୟକ୍ତିର ଅଧିକାରର ସମ୍ବର୍ଦ୍ଧନା ପାଇଁ ବ୍ୟକ୍ତି, ସମୂହ, ସଂସ୍ଥାନ ଏବଂ ଅଣ-ସରକାରୀ ସଂଗଠନକୁ ମଧ୍ୟ ନିଜ ଯୋଗଦାନ ଦେଇ ନିଜର ଜବାବ ଦେବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ।

ଅନୁଚ୍ଛେଦ-୧୯

ପ୍ରସ୍ତୁତ ଘୋଷଣା ପତ୍ରରେ ଉଲ୍ଲେଖିତ କୌଣସି ଘୋଷଣାର ବ୍ୟାଖ୍ୟା ଏପରି କରା ଯାଇ ପାରିବ ନାହିଁ ଯଥା, କୌଣସି ବ୍ୟକ୍ତି, ସମୂହ କିମ୍ବା ସମାଜର ଅଙ୍ଗ କିମ୍ବା କୌଣସି ରାଜ୍ୟକୁ ଏପରି କୌଣସି କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ ହେବାର ଅଧିକାର ଅଛି ଯାହାର ଲକ୍ଷ ପ୍ରସ୍ତୁତ ଘୋଷଣା ପତ୍ରରେ ଉଲ୍ଲେଖିତ ଅଧିକାର ଏବଂ ସ୍ୱତଂନ୍ତ୍ରତା ଗୁଡ଼ିକୁ ସମାପ୍ତ କରିବା ବୁଝାଇବ ।

ଅନୁଚ୍ଛେଦ-୨୦

ପ୍ରସ୍ତୁତ ଘୋଷଣା ପତ୍ରରେ ଉଲ୍ଲେଖିତ କୌଣସି ଘୋଷଣାର ବ୍ୟାଖ୍ୟା ଏପରି କରାଯାଇ ପାରିବ ନାହିଁ ଯଥା, ରାଜ୍ୟ ଗୁଡ଼ିକୁ ବ୍ୟକ୍ତି, ବ୍ୟକ୍ତି, ସମୂହ, ସଂସ୍ଥାନ କିମ୍ବା ଅଣ-ସରକାରୀ ସଂଗଠନ ଗୁଡ଼ିକର ଏପରି ଗତିବିଧିକୁ ସମର୍ଥନ ଏବଂ ସମ୍ବର୍ଦ୍ଧନା କରିବାର ଅନୁମତି ପ୍ରାପ୍ତ ହେବ, ଯାହା କି ସଂଯୁକ୍ତରାଷ୍ଟ୍ରର ଶାସନ ପତ୍ର (charten) ରେ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଗୁଡ଼ିକର ବିପରୀତ ବୁଝାଇବ ।